**ମାଛ ବୋଝେଇ ପିକ୍ଅପ୍ ଓଲଟି ୨ ଆହତ**

**ଦାରିଙ୍ଗବାଡ଼ି, (ଡି.ଏନ୍.ଏ.):** ଦାରିଙ୍ଗବାଡ଼ି ଥାନା ପାଟାଙ୍ଗି ନିକଟସ୍ଥ ୫୯ନଂ. ଜାତୀୟ ରାଜପଥ ବୁଲାଣିରେ ରବିବାର ଏକ ମାଛ ବୋଝେଇ ପିକ୍ଅପ୍ ଭ୍ୟାନ ଓଲଟି ଚାଳକ ଓ ହେଲ୍ପର ଆହତ ହୋଇଛନ୍ତି। ପିକ୍ଅପ ଭ୍ୟାନ୍‌ଟି ବ୍ରହ୍ମପୁରରୁ ମାଛ ଧରି ଦାରିଙ୍ଗବାଡ଼ି ଆସି ମାଛ ଦେବାପରେ ବାଲିଗୁଡ଼ା ଯାଉଥିବାବେଳେ ପାଟାଙ୍ଗି ଗ୍ରାମ ବୁଲାଣିରେ ପିକ୍ଅପଟି ରାସ୍ତା କଡକୁ ଓଲଟି ପଡିଥିଲା। ଚାଳକ ଅନ୍ତର୍ଯ୍ୟାମୀ ବେହେରା ଓ ହେଲ୍ପର ଶିବ ରାଓ ଆହତ ହୋଇଥିଲେ। ରାସ୍ତା କଡ଼ରେ ଥିବା ହନର ପ୍ରଧାନ ଏବଂ ତାଙ୍କ ପୁଅ ଆଦିତ୍ୟ ସାମାନ୍ୟ ଆହତ ହୋଇଥିଲେ।

## ସଂକ୍ଷେପରେ

### ବିଦେଶୀ ମଦ ଦୋକାନ ସିଲ୍ କଲା ପ୍ରଶାସନ

**ଦିଗପହଣ୍ଡି,୨୧।୨(ଡି.ଏନ୍.ଏ):** ସରକାରୀ ନିୟମ ଉଲ୍ଲଂଘନ କରିବା ଅଭିଯୋଗରେ ଦିଗପହଣ୍ଡି ମୁଖ୍ୟରାସ୍ତା ଷ୍ଟେଟବ୍ୟାଙ୍କ ନିକଟରେ ଥିବା ଏକ ବିଦେଶୀ ମଦ ଦୋକାନକୁ ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଛି। ଗତ ଅଗଷ୍ଟ ୧୦ରେ ଉକ୍ତ ମଦ ଦୋକାନ ବିଭିନ୍ନ ବ୍ୟାଙ୍କ, ବିଦ୍ୟାଳୟ ଥିବା ଜନବସତି ନିକଟରେ ବେଆଇନ ଭାବେ ଖୋଲାଯାଇଥିଲା। ଏହାକୁ ସହରବାସୀ ବିରୋଧ କରିବା ସହ ବହୁ ମହିଳା ବିଦେଶୀ ମଦ ଦୋକାନ ସମ୍ମୁଖରେ ବିକ୍ଷୋଭ କରିଥିଲେ। ଏଥିସହ ମଦ ଦୋକାନକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ବିଭିନ୍ନ ସାମାଜିକ କର୍ମୀ ଆନ୍ଦୋଳନ କରିଥିଲେ। ଏ ନେଇ ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା। ହାଇକୋର୍ଟଙ୍କ ଆଦେଶକୁ ଭିତ୍ତିକରି ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏବଂ ବ୍ରହ୍ମପୁର ଅବକାରୀ ଅଧିକ୍ଷକ ରମେନ୍ଦ୍ର ନାରାୟଣ ନାୟକଙ୍କ ନିର୍ଦ୍ଦେଶରେ ଶୁକ୍ରବାର ରାତିରେ ବ୍ରହ୍ମପୁର ଅବକାରୀ ନିରୀକ୍ଷକ ଶ୍ରୀଧର ମହାନ୍ତି, ଦିଗପହଣ୍ଡି ଅବକାରୀ ବିଭାଗ ଏସ୍ଆଇ ଅଭିରାମ ସାହୁ, ଚିକିଟି ଅବକାରୀ ନିରୀକ୍ଷକ ବାଳକୃଷ୍ଣ ପରିଡ଼ା ଓ ବିଭାଗୀୟ କର୍ମଚାରୀମାନେ ସଦଳବଳ ଚଢ଼ାଉ କରି ବିଦେଶୀ ମଦ ଦୋକାନକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସିଲ୍ କରି ଦେଇଛନ୍ତି। ସରକାରଙ୍କ ନିୟମ ଉଲ୍ଲଂଘନ କରିଥିବା ନେଇ ବିଦେଶୀ ମଦ ଦୋକାନ ଭେଣ୍ଡରଙ୍କୁ ପଚାରିବାରୁ ସମସ୍ତ ଅଭିଯୋଗ ମିଥ୍ୟା ବୋଲି ସେ କହିଛନ୍ତି।

### ତାଲାବନ୍ଦ ଘରୁ ଚୋରି

**ବ୍ରହ୍ମପୁର ଅଫିସ,୨୧।୨:** ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଶରଧାବାଲି ତୃତୀୟ ଲାଇନର ଏକ ତାଲାବନ୍ଦ ଘରୁ ଚୋରି ହୋଇଛି। ଦୁର୍ବୃତ୍ତ ଆଲମିରା ଭାଙ୍ଗି କିଛି ରୁପା ଅଳଙ୍କାର, ୩୦ ହଜାର ଟଙ୍କା ଓ ଏକ ଲାପଟପ୍ ଚୋରାଇ ନେଇଥିବା ଦଣ୍ଡପାଣି ସେଠୀ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏହାର ତଦନ୍ତ ଆରମ୍ଭ କରିଛି। ଦଣ୍ଡପାଣି ଶରଧାବାଲି ତୃତୀୟ ଲାଇନରେ ଭଡ଼ାରେ ରହୁଛନ୍ତି। ତାଙ୍କର ଜଣେ ସମ୍ପର୍କୀୟଙ୍କ ବିୟୋଗ ଘଟିବାରୁ ସପରିବାର ଡେଙ୍ଗାପଦର ଯାଇଥିଲେ। ଘରେ ତାଲା ପଡ଼ିଥିଲା। ରବିବାର ସକାଳେ ଦଣ୍ଡପାଣି ଫେରିବାରେ ଘର ତାଲା ଭଙ୍ଗା ଯାଇଥିବା ଓ ଆଲମିରାରୁ ଟଙ୍କା, ରୁପା ଅଳଙ୍କାର ଓ ଲାପଟପ୍ ଚୋରି ହୋଇଥିବା ଜାଣିଥିଲେ। ସୂଚନାଯୋଗ୍ୟ, ଗତବର୍ଷ ମାର୍ଚ୍ଚ ମାସରେ ମଧ ଦଣ୍ଡପାଣିଙ୍କ ଘରୁ ଚୋରି ହୋଇଥିଲା।

### କନଷ୍ଟେବଳଙ୍କୁ ସମ୍ବର୍ଦ୍ଧିତ କଲେ ଏସ୍‌ପି

**ଛତ୍ରପୁର,୨୧।୨(ଡି.ଏନ୍.ଏ.)-** ପୁରୁଷୋତ୍ତମପୁର ଥାନା ଅଞ୍ଚଳରେ ଗତ ଅକ୍ଟୋବର ୧୨ ତାରିଖ ମଧରାତ୍ରରେ ସୁନା ବ୍ୟବସାୟୀ ସୁରେନ୍ଦ୍ର କୁମାର ନାୟକଙ୍କ ଘରୁ କୋଟିଏ ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ସୁନା ଅଳଙ୍କାର ଚୋରି ହୋଇଥିଲା । ଚୋରିରେ ସମ୍ପୃକ୍ତ ୧୦ ଜଣ ଓ ଚୋରି ସୁନା କିଣିଥିବା ୫ ଜଣ ଏପରି ମୋଟ ୧୫ ଜଣଙ୍କୁ ପୋଲିସ ନଭେମ୍ବର ୧୧ ତାରିଖରେ ଗିରଫ କରିଥିଲା। ଅଭିଯୁକ୍ତମାନଙ୍କଠାରୁ ୬ କି.ଗ୍ରା ୫୦୧ ଗ୍ରାମ ସୁନା ଅଳଙ୍କାର, ନଗଦ ୪ ଲକ୍ଷ ୪୪ ହଜାର ୫୦୦ ଟଙ୍କା ଓ ଅନ୍ୟାନ୍ୟ ଜିନିଷ ଜବତ କରାଯାଇଥିଲା। ଅଭିଯୁକ୍ତଙ୍କୁ ଧରିବାରେ କଠିନ କାର୍ଯ୍ୟ କରି ଦକ୍ଷତା ଦେଖାଇଥିବା କବିସୂର୍ଯ୍ୟନଗର ଥାନା କନଷ୍ଟେବଳ ପଙ୍କଜ କୁମାର ଗୌଡଙ୍କୁ ରବିବାର ଛତ୍ରପୁର ଠାରେ ଗଞ୍ଜାମ ଏସପି ବ୍ରିଜେଶ କୁମାର ସମ୍ବର୍ଦ୍ଧିତ କରିଛନ୍ତି।

# ବୃତ୍ତିକୁ ଫେରିଛନ୍ତି, ବ୍ୟବସାୟ ନାହିଁ

**ବ୍ରହ୍ମପୁର ଅଫିସ୍,୨୧।୨**

## କରୋନାର ନୂଆ ଷ୍ଟ୍ରେନ୍‌କୁ ନେଇ ଭୟ



ଘର ସଜାଇବା ସାମଗ୍ରୀ ପ୍ରସ୍ତୁତ କରିଥିବା ରାଜୁ ଭାଟିଆ।

କରୋନା ମହାମାରୀ ଯୋଗୁ ଦେଶର ଆର୍ଥିକ ବ୍ୟବସ୍ଥା ଦୋହଲି ପଡ଼ିଛି। ବହୁ ଛୋଟବଡ଼ ବ୍ୟବସାୟୀ ବର୍ତ୍ତମାନ ସୁଦ୍ଧା ଆର୍ଥିକ ମାନ୍ଦାବସ୍ଥା ଦେଇ ଗତି କରୁଛନ୍ତି। ଏଭଳି ସ୍ଥିତିରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଖୁଚୁରା ବ୍ୟବସାୟୀଙ୍କ ନିମନ୍ତେ ବିଭିନ୍ନ ଯୋଜନାରେ ଅନ୍ତର୍ଭୁକ୍ତ ହେବା ନେଇ ଘୋଷଣା ହେବା ପରେ ବ୍ୟବସାୟୀଙ୍କ ନିମନ୍ତେ ହିତ ସାଧିତ ହୋଇପାରିଛି। ସମୟକ୍ରମେ କଟକଣା ମଧ କୋହଳ ହୋଇଛି। ଫଳରେ ବହୁ ବ୍ୟବସାୟୀ ପୁଣି ଥରେ ନିଜ ନିଜର ବ୍ୟବସାୟକୁ ଫେରିଛନ୍ତି। କିନ୍ତୁ ଏଭଳି କେତେକ ବ୍ୟବସାୟୀ ରହିଛନ୍ତି ଯେଉଁମାନେ ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ ଭିଟାମାଟି ଛାଡ଼ି ରାଜ୍ୟର ବିଭିନ୍ନ ସହରରେ ଯାଯାବର ଭାବେ ଜୀବନ ଅତିବାହିତ କରୁଛନ୍ତି। ବ୍ରହ୍ମପୁର ସହରରେ ବହୁ ମାତ୍ରାରେ ଏଭଳି ବ୍ୟବସାୟୀଙ୍କୁ ଦେଖିବାକୁ ମିଳିଥାଏ। ଯେଉଁମାନେ ପ୍ରସ୍ତୁତ କରିଥିବା ସାମଗ୍ରୀ ଘର ସଜାଇବାଠାରୁ ଆରମ୍ଭ କରି ନିତ୍ୟ ବ୍ୟବହାର୍ଯ୍ୟ ନିମନ୍ତେ ମଧ ଉପଯୋଗୀ ହୋଇଥାଏ। କରୋନା ସମୟରେ ଏହି ବ୍ୟବସାୟୀମାନେ ଏଣେତେଣେ ଘୂରି ବୁଲୁଥିବା ବେଳେ ବର୍ତ୍ତମାନ ନିଜର ବୃତ୍ତିକୁ ଫେରିଛନ୍ତି। କିନ୍ତୁ ଆଶାନୁରୂପ ବ୍ୟବସାୟ ନ ଥିବାରୁ ସେମାନଙ୍କ ପରିବାର ପ୍ରତିପୋଷଣ କ୍ଷେତ୍ରରେ ଚିନ୍ତାର କାରଣ ପାଲଟିଛି। ଅନ୍ୟପଟେ କରୋନାର ନୂଆଷ୍ଟ୍ରେନ୍ ବର୍ତ୍ତମାନ ସହରର ବିଭିନ୍ନ ବ୍ୟବସାୟୀଙ୍କ କ୍ଷେତ୍ରରେ ଭୟ ଓ ଚିନ୍ତାର କାରଣ ହୋଇଛି।

ବିଶେଷ କରି ସହରର ଇଞ୍ଜିନିୟରିଂ ସ୍କୁଲ, ଗୋପାଳପୁର ଜଙ୍କଶନ୍, ଏମ୍‌କେସିଜି ମେଡିକାଲ ଛକ, ଖଲ୍ଲିକୋଟ କଲେଜ ରୋଡ଼, ଗିରି ମାର୍କେଟ ଛକ ଭଳି ମୁଖ୍ୟ ଛକରେ ବାହାର ରାଜ୍ୟ ବ୍ୟବସାୟୀମାନଙ୍କର ପସରା ଦେଖିବାକୁ ମିଳିଥାଏ। ଏହି ବ୍ୟବସାୟୀମାନେ ସାଧାରଣତଃ ଛକଗୁଡ଼ିକରେ ପଟା ରିକ୍ସା ନଚେତ୍ ରାସ୍ତା ପାର୍ଶ୍ୱରେ ଅସ୍ଥାୟୀ ତମ୍ବୁ ପକାଇ ବ୍ୟବସାୟ କରୁଥିବା ଦେଖିବାକୁ ମିଳିଥାଏ। ଏଭଳି ଜଣେ ବ୍ୟବସାୟୀ ହେଉଛନ୍ତି, ଗୁଜରାଟରୁ ଆସିଥିବା ରାଜୁ ଭାଟିଆ। ଏହି ବ୍ୟବସାୟୀ ଜଣକ ଆଇଟିଆଇ ସ୍କୁଲ ସମ୍ମୁଖରେ କଟକଣା ହଟିବା ପରେ ଦୀର୍ଘ ୨ ମାସ ଧରି ଘରସଜା ଉପକରଣ ବିକ୍ରି କରୁଛନ୍ତି। ଗୁଜରାଟରୁ ପ୍ରାୟ ୨୦ ପରିବାର ଏହି ସ୍ଥାନରେ ଅସ୍ଥାୟୀ ଭାବେ ଗୋଟିଏ ତମ୍ବୁ ତଳେ ଘର ସଜାଇବା ଉପକରଣ ପ୍ରସ୍ତୁତି କରୁଛନ୍ତି। ବ୍ୟବସାୟୀ ରାଜୁଙ୍କ କହିବାନୁଯାୟୀ, ଘର କାନ୍ଥ ସଜେଇବା ପାଇଁ ବିଭିନ୍ନ ଦେବଦେବୀଙ୍କଠାରୁ ଆରମ୍ଭ କରି ପ୍ରକୃତିର ବିଭିନ୍ନ ଦୃଶ୍ୟ ସିମେଣ୍ଟ ଓ ନଡ଼ିଆକତା ମାଧ୍ୟମରେ ପ୍ରସ୍ତୁତି କରିଥାନ୍ତି। ଏହାର ମୂଲ୍ୟ ୨୦୦ ଟଙ୍କାରୁ ଆରମ୍ଭ ହୋଇ ୧ ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। କଟକଣା ପୂର୍ବରୁ ଏହି ବ୍ୟବସାୟ ଭଲ ଚାଲିଥିଲା। କଟକଣା ଲାଗୁ ହେବା ପରେ ବ୍ୟବସାୟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ବର୍ତ୍ତମାନ କଟକଣା କୋହଳ ହେବା ପରେ ପୁଣି ଥରେ ଏହି ବ୍ୟବସାୟକୁ ଫେରିଛୁ। କିନ୍ତୁ ବ୍ୟବସାୟ ପୂର୍ବଭଳି ନ ଥିବା ସେ କହିଛନ୍ତି। ଏପରିକି ଲୋକେ ନିଜ ଇଚ୍ଛାରେ ଜିନିଷ ପ୍ରସ୍ତୁତି ପାଇଁ ବରାଦ ଦେଉଛନ୍ତି। ତଦନୁଯାୟୀ ଜିନିଷ ପ୍ରସ୍ତୁତ ମଧ କରାଯାଉଛି। ତଥାପି ସେତେଟା ବ୍ୟବସାୟ ହୋଇପାରୁ ନାହିଁ। ସେହିଭଳି ପଶ୍ଚିମବଙ୍ଗ ନିବାସୀ ରାହୁଲ ପାଲ୍। ଦୀର୍ଘ ୨ରୁ ୫ ବର୍ଷ ଧରି ବ୍ରହ୍ମପୁର ସହରରେ ରହି ବିଭିନ୍ନ ଫୁଲ ଚାରା ବିକ୍ରି କରୁଛନ୍ତି। ଏମ୍‌କେସିଜିର ମୁଖ୍ୟ ଫାଟକ ସମ୍ମୁଖରେ ସେ ଏହି ବ୍ୟବସାୟ କରିଥାନ୍ତି। କିନ୍ତୁ କରୋନା ସମୟରେ ନିଜ ରାଜ୍ୟ ପଶ୍ଚିମବଙ୍ଗକୁ ପଳାଇଥିଲେ। କଟକଣା କୋହଳ ପରେ ପୁଣି ଥରେ ବ୍ରହ୍ମପୁର ସହରକୁ ଆସି ଫୁଲ ଚାରା ବ୍ୟବସାୟ ଆରମ୍ଭ କରିଛନ୍ତି। ଗଛଗୁଡ଼ିକର ମୂଲ୍ୟ ୯୦ରୁ ୧୦୦ ଟଙ୍କା ରହିଛି। ପୂର୍ବାପେକ୍ଷା ଦର କମ୍ ରହିଛି। କିନ୍ତୁ ବ୍ୟବସାୟ ଆଶାନୁରୂପ ନ ଥିବା ସେ କହିଛନ୍ତି। ବ୍ୟବସାୟ ଆଶାନୁରୂପ ନ ଥିବାରୁ ପରିବାର ପ୍ରତିପୋଷଣ ବର୍ତ୍ତମାନ ଚିନ୍ତାର କାରଣ ପାଲଟିଛି।

## ବିଜେଡିରେ ମିଶିଲେ ଭାଜପା କର୍ମୀ

**ବ୍ରହ୍ମପୁର ଅଫିସ,୨୧।୨**

ବ୍ରହ୍ମପୁର ମହାନଗର ୩୬ନଂ ୱାର୍ଡରେ ରବିବାର ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ବହୁ ସଂଖ୍ୟକ ଭାଜପା କର୍ମୀ ଓ ସମର୍ଥକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗ ଦେଇଥିଲେ। ସେମାନଙ୍କୁ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ କୁମାର ପଣ୍ଡା, ବରିଷ୍ଠ ନେତା ରାମଚନ୍ଦ୍ର ପଣ୍ଡା, ଦଳର ରାଜ୍ୟ ସମ୍ପାଦକ ସୁବାସ ଚନ୍ଦ୍ର ମହାରଣା, ମହିଳା ବିଜେଡି ରାଜ୍ୟ ଉପସଭାନେତ୍ରୀ ମମତା ବିଷୋୟୀ ପ୍ରମୁଖ ସ୍ୱାଗତ ଜଣାଇଥିଲେ। ଜିଲା ବିଜେଡି ସାଧାରଣ ସମ୍ପାଦକ ଜଗନ୍ନାଥ ସାବତ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଯୁବ ବିଜେଡି ଜିଲା ସଭାପତି ଲକ୍ଷ୍ମଣ ଚୌଧୁରୀ, ମହାନଗର ଯୁବ ବିଜେଡି ସଭାପତି ଅଜିତ କୁମାର ପଣ୍ଡାଙ୍କ ସମେତ ସଞ୍ଜିତ ପାଣିଗ୍ରାହୀ, ଲକ୍ଷ୍ମୀପ୍ରିୟା ପାଢ଼ୀ, ବନମାଳୀ ସେଠୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଲାଞ୍ଜିପଲ୍ଲୀ ଅଞ୍ଚଳର ସତ୍ୟ ଦାସ ସହଯୋଗ କରିଥିଲେ।

ଏହି ଅବସରରେ ବିଜେଡିର ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ହୋଇଥିଲା। ୨୮ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇ ରେଡକ୍ରସ୍ ରକ୍ତଭଣ୍ଡାରକୁ ଦିଆଯାଇଥିଲା।

# ସାଇକେଲ୍‌ରେ ବୁଲି ସଚେତନ କଲେ ଜିଲାପାଳ

**ବ୍ରହ୍ମପୁର ଅଫିସ୍,୨୧।୨**

## ସାମାଜିକ ଦୂରତା, ସଫେଇ କାର୍ଯ୍ୟକୁ ଗୁରୁତ୍ୱ

ଦେଶରେ ପୁଣି କରୋନା କାୟା ମେଲାଉ ଥିବାରୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପରେ ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ ଜାରି କରାଯାଇଛି। ରବିବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି)ର ବିଭିନ୍ନ ସ୍ଥାନ ବୁଲି କୋଭିଡ୍ ସଚେତନତା ଓ ସହରର ସଫେଇ କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି। ବିଏମ୍‌ସି କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାର, ଡେପୁଟି କମିଶନର ରୋମାଞ୍ଚଳ ଖମାରୀଙ୍କ ସମେତ ବିଏମ୍‌ସିର ପଦାଧିକାରୀମାନଙ୍କ ସହ ମିଶି ଜିଲାପାଳ ସହରର ଗାନ୍ଧୀନଗର, ବିଜିପୁର, କମାପଲ୍ଲୀ, କୋର୍ଟପେଟା, ପୁରୁଣା ବସ୍‌ଷ୍ଟାଣ୍ଡ ଆଦି ସ୍ଥାନ ପରିଦର୍ଶନ କରିଥିଲେ। ଆଗାମୀ ଦିନରେ କରୋନା ସଚେତନତାକୁ ଅଧିକ ଗୁରୁତ୍ୱ ଦିଆଯିବ ବୋଲି ଜିଲାପାଳ କହିଛନ୍ତି।

ଶିକ୍ଷାନୁଷ୍ଠାନ ଓ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକରେ ସାମାଜିକ ଦୂରତା ବଜାୟ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।



ସାଇକେଲରେ ଜିଲାପାଳ ଓ ବିଏମ୍‌ସି ଅଧିକାରୀମାନେ।

ଗଞ୍ଜାମବାସୀ ଭୟଭୀତ ହୁଅନ୍ତୁ ନାହିଁ। ରାଜ୍ୟ ସରକାରଙ୍କ ସମସ୍ତ ଗାଇଡ୍‌ଲାଇନ୍ ପାଳନ କରିବାକୁ ହେବ। ସମସ୍ତେ ସାମାଜିକ ଦୂରତା ରକ୍ଷା କରିବା ସହ କୌଣସି ବ୍ୟକ୍ତିଙ୍କଠାରେ କରୋନାର ଲକ୍ଷଣ ଦେଖାଦେଲେ ଜିଲା ପ୍ରଶାସନକୁ ତୁରନ୍ତ ଅବଗତ କରାଇବାକୁ ଜିଲାପାଳ କହିଛନ୍ତି। ଘରୁ ବାହାରିବା ସମୟରେ ମାସ୍କ ବ୍ୟବହାର କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ମହାନଗରର ସ୍ୱଚ୍ଛତା କାର୍ଯ୍ୟରେ ସୁଧାର ଆସିଛି। ମୋ ୱାର୍ଡ଼ ମାଧ୍ୟମରେ ବିଏମ୍‌ସି ପକ୍ଷରୁ ଲୋକଙ୍କୁ ସଚେତନ କରାଯାଉଛି। ସ୍ୱଚ୍ଛତା ଲାଗି ସହରବାସୀ ସହଯୋଗ କରିବା ସହ ଡଷ୍ଟବିନ୍ ବ୍ୟବହାର କରୁଛନ୍ତି। ଏପରି ସହଯୋଗ ଜାରି ରହିଲେ ସ୍ୱଚ୍ଛ ସୁନ୍ଦର ବ୍ରହ୍ମପୁର ଲକ୍ଷ୍ୟ ହାସଲ ହୋଇପାରିବ ବୋଲି ଜିଲାପାଳ କହିଛନ୍ତି। ଜିଲାପାଳ ରାମଲିଙ୍ଗେଶ୍ୱର ପୋଖରୀ ସମେତ ୩ ପୋଖରୀର ସଫେଇ କାର୍ଯ୍ୟ ବୁଲି ଦେଖିଥିଲେ।

## ଉଗ୍ରତାରା ମନ୍ଦିର ପରିଦର୍ଶନ କଲା ପର୍ଯ୍ୟଟନ ବିଭାଗର ଟିମ୍

**ଛତ୍ରପୁର,୨୧।୨(ଡି.ଏନ.ଏ)**

ପର୍ଯ୍ୟଟନ ବିଭାଗର ଏକ ଟିମ୍ ଛତ୍ରପୁର ବ୍ଲକ ଲଣ୍ଡାବାଉଶଁ ଗ୍ରାମ ନିକଟ ପାହାଡ଼ସ୍ଥିତ ଉଗ୍ରତାରା ମନ୍ଦିର ପରିଦର୍ଶନ କରିଛନ୍ତି। ରାଜ୍ୟ ସରକାର ଏବେ ପର୍ଯ୍ୟଟନସ୍ଥଳୀ ଉପରେ ବିଶେଷ ଧ୍ୟାନ ଦେଉଥିବାରୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ନିର୍ଦ୍ଦେଶକ୍ରମେ ଜିଲା ପର୍ଯ୍ୟଟନ ବିଭାଗର ଏକ ପ୍ରତିନିଧି ଦଳ ଉକ୍ତ ମନ୍ଦିରକୁ ଯାଇ ସ୍ଥିତି ଯାଞ୍ଚ କରିଛନ୍ତି। ଦୁଇ ବର୍ଷ ତଳେ ପାହାଡ ଉପରେ ମା’ ଉଗ୍ରତାରାଙ୍କ ଆବିର୍ଭାବ ହୋଇଥିଲା। ଗ୍ରାମବାସୀ ନିଜସ୍ୱ ଉଦ୍ୟମରେ ସେଠାକୁ ରାସ୍ତା କରିଥିଲେ। ପରେ ଏହାକୁ ପର୍ଯ୍ୟଟନସ୍ଥଳ ମାନ୍ୟତା ଦେବା ପାଇଁ ଭିତ୍ତିଭୂମି କିପରି ଉନ୍ନତି ହେବ ସ୍ଥାନୀୟ ବିଧାୟକ ସୁବାସ ଚନ୍ଦ୍ର ବେହେରାଙ୍କୁ ଜଣାଇଥିଲେ। ଗତ ନଭେମ୍ବରରେ ବିଧାୟକ ଏ ସମ୍ପର୍କରେ ଜିଲାପାଳଙ୍କୁ ଜଣାଇଥିଲେ। ତେଣୁ ଜିଲା ପର୍ଯ୍ୟଟକ ଅଧିକାରୀ ଅମୀୟ କୁମାର ସେଠୀ, ସନତାନ ନାୟକ, ଜିଲା ଗ୍ରନ୍ଥାଗାରିକ ଅମୀୟ କୁମାର ଧଳ ମନ୍ଦିର ପରିଦର୍ଶନ କରିବା ସହ ବିଜେଡି ନେତା ବୁଲୁ ସୁବୁଦ୍ଧି, ପୂର୍ବତନ ସମିତିସଭ୍ୟ ମଥୁରା ସୁବୁଦ୍ଧିଙ୍କ ସମେତ ଗ୍ରାମ୍ୟ କମିଟି ସହ ଆଲୋଚନା କରିଛନ୍ତି।

# ସାମନ୍ତରାୟ ଏକାଡେମୀର ୪୨ ଛାତ୍ରୀଛାତ୍ରଙ୍କ ସଫଳତା



ଛାତ୍ରୀଛାତ୍ର, ଅତିଥି, ଶିକ୍ଷକ ଓ ଅଭିଭାବକ।

**ବ୍ରହ୍ମପୁର ଅଫିସ,୨୧।୨**

ସାମନ୍ତରାୟ ଏକାଡେମୀର ୪୨ ଜଣ ଛାତ୍ରୀଛାତ୍ର ଅର୍ଦ୍ଧ ସାମରିକ ବଳ, ଓଡ଼ିଶା ପୋଲିସ ଏସ୍ଆଇ ଓ ବ୍ୟାଙ୍କରେ ନିଯୁକ୍ତି ପାଇଁ ହୋଇଥିବା ପରୀକ୍ଷାରେ ସଫଳତା ହାସଲ କରିଛନ୍ତି। ରବିବାର ଏମାନଙ୍କୁ ଶିକ୍ଷାନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ଗୋଷାଣୀ ନୂଆଗାଁ ଉନ୍ନୟନ ପରିଷଦର ସଭାପତି ଦେବରାଜ ଚୌଧୁରୀ ମୁଖ୍ୟଅତିଥି ରୂପେ ଯୋଗ ଦେଇ ଛାତ୍ରୀଛାତ୍ରଙ୍କ ପରିଶ୍ରମ ଓ ଶୃଙ୍ଖଳାକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ରୂପେ ଉନ୍ନୟନ ପରିଷଦର କାର୍ଯ୍ୟକାରୀ ସଭାପତି ଜଗନ୍ନାଥ ଚୌଧୁରୀ ଓ ଆଇନଜୀବୀ ତଥା ସଂଘ ସମ୍ପାଦକ ଶିଶିର କୁମାର ପଣ୍ଡା ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଉକ୍ତ ଅନୁଷ୍ଠାନର ପ୍ରତିଷ୍ଠାତା ଡ.ଲଳିତ ମୋହନ ସାମନ୍ତରାୟ ସଫଳ ଛାତ୍ରୀଛାତ୍ରଙ୍କୁ କଠିନ ପରିଶ୍ରମ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ହେବାକୁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଦେବେଶ ସାମନ୍ତରାୟ ଛାତ୍ରୀଛାତ୍ରଙ୍କୁ ନିଷ୍ଠାବାନ୍ ହେବାକୁ ପ୍ରେରଣା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ପ୍ରଶିକ୍ଷକ ହରମୋହନ ପାଣିଗ୍ରାହୀ, ଅନୀଲ ପାତ୍ର, ବି.ଅନୀଲ ପାତ୍ର, ରାମକୃଷ୍ଣ ମିଶ୍ର, ଅଭିଳାଷ ଆନନ୍ଦ, ଲିପକ୍ କୁମାର ସାହୁ, ଅମିତ୍ ସାହୁ, ମାନସ ରଞ୍ଜନ ସାହୁ, ଦିବ୍ୟ ରଞ୍ଜନ ପ୍ରଧାନ, ସୁରେଶ ପଣ୍ଡାଙ୍କ ସମେତ ଶିକ୍ଷାନୁଷ୍ଠାନର ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ ଉପସ୍ଥିତ ଥିଲେ।

# ଶିକ୍ଷାଦାନ ଅବହେଳାରୁ ଭାଷା ଦୁର୍ବଳ

**ବ୍ରହ୍ମପୁର ଅଫିସ୍,୨୧।୨**

ମାତୃଭାଷା ଦିବସ ଅବସରରେ ରବିବାର ତ୍ରିଧାରା ସାହିତ୍ୟ ସଂସଦ ପକ୍ଷରୁ ଗୁଗଲ୍ ମିଟ୍ ମାଧ୍ୟମରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦେଶର ବିଭିନ୍ନ ରାଜ୍ୟରୁ ୫୦ରୁ ଉର୍ଦ୍ଧ୍ୱ ଭାଷାଭାଷୀ ବ୍ୟକ୍ତି ଓ ସାହିତ୍ୟପ୍ରେମୀ ଯୋଗ ଦେଇଥିଲେ। ଛତ୍ରପୁର କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଡ. ପ୍ରମୋଦ କୁମାର ଦ୍ୱିବେଦୀ ଯୋଗ ଦେଇ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଦାନରେ ଅବହେଳା ଫଳରେ ଭାଷା ଦୁର୍ବଳ ହେଉଥିବା ଓ ତ୍ରୁଟି ମଧ ରହୁଥିବା କହିଥିଲେ। ଓଡ଼ିଆ ସାହିତ୍ୟରେ ବ୍ୟକ୍ତିକେନ୍ଦ୍ରୀୟ ଭାବନାକୁ ପରିତ୍ୟାଗ କଲେ କାଳଜୟୀ ସାହିତ୍ୟ ସୃଷ୍ଟି ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ରୂପେ ହିଞ୍ଜିଳିକାଟୁ ମହାବିଦ୍ୟାଳୟର ପ୍ରାକ୍ତନ ଓଡ଼ିଆ ବିଭାଗ ମୁଖ୍ୟ ମାତୃଭାଷାକୁ ଜୀବିକା, ଜୀବନ ସହିତ ସଂପୃକ୍ତ କରାଗଲେ ଓଡ଼ିଆ ଭାଷା ସାହିତ୍ୟ ପ୍ରତି ଅନୁରାଗ ରହିବ। ଭାଷା ସାହିତ୍ୟର ବାହକ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗର ଡ. ଲକ୍ଷ୍ମୀପ୍ରିୟା ବେହେରା ଓ ନୂଆଦିଲ୍ଲୀ ଓଡ଼ିଆ ସମାଜର ସୋମା କିରଣ ଜେନା ଯୋଗ ଦେଇଥିଲେ। ସଂଘ ସମ୍ପାଦକ ଡ. ଲକ୍ଷ୍ମୀ ନାରାୟଣ ଦାଶ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କାର୍ଯ୍ୟନିର୍ବାହୀ ସମ୍ପାଦକ ବିଘ୍ନେଶ୍ୱର ସାହୁ, ସମ୍ପାଦିକା ସୌଦାମିନୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ମାତୃଭାଷା ଦିବସ ପାଳିତ

**ବ୍ରହ୍ମପୁର ଅଫିସ,୨୧।୨:** ଗୋସାଣୀ ନୂଆଗାଁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଛି। ଏଥିରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପଣ୍ଡା ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ମହାଭାରତର କର୍ଣ୍ଣଙ୍କ ସଂଳାପ ବର୍ଣ୍ଣନା କରିଥିଲେ। ବିଦ୍ୟାଳୟ ସଭାପତି ଭଗବାନ ଚୌଧୁରୀ ଆର୍ଶୀବଚନ ଦେଇଥିଲେ। ବରିଷ୍ଠ ଆଚାର୍ଯ୍ୟା ସୁଜାତା ରାଣୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ନାରାୟଣ ପଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରବୀନ୍ଦ୍ର ସାହୁ, ଅଜୟ କୁମାର ପାଳ ଓ ତ୍ରିଲୋଚନ ପାତ୍ରଙ୍କ ସମେତ ପ୍ରଧାନାଚାର୍ଯ୍ୟ ଓ ପ୍ରଧାନାଚାର୍ଯ୍ୟା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଉପସ୍ଥିତ ଅତିଥିବୃନ୍ଦ।

# ଭଲିବଲ ଟୁର୍ନାମେଣ୍ଟ ପ୍ରସ୍ତୁତି ବୈଠକ

**ବ୍ରହ୍ମପୁର ଅଫିସ,୨୧।୨**

ବ୍ରହ୍ମପୁର କାର୍‌ଗିଲ ସ୍ପୋର୍ଟିଂ କ୍ଲବ ପକ୍ଷରୁ ଚତୁର୍ଥ କାରଗିଲ ଭଲିବଲ ଟୁର୍ନାମେଣ୍ଟ ନିମନ୍ତେ ଏକ




କାର୍‌ଗିଲ ସ୍ପୋର୍ଟିଂ କ୍ଲବ ସଦସ୍ୟମାନେ।

ପ୍ରସ୍ତୁତି ବୈଠକ ରବିବାର ନୂଆବସ୍‌ଷ୍ଟାଣ୍ଡସ୍ଥିତ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। କାର୍‌ଗିଲ ଖେଳପଡ଼ିଆଠାରେ ଆସନ୍ତା ମାର୍ଚ୍ଚ ୨୧ରୁ ୩୧ ପର୍ଯ୍ୟନ୍ତ ଏହି ଜିଲାସ୍ତରୀୟ ଦିବାରାତ୍ର ଟୁର୍ନାମେଣ୍ଟ ହେବ। ଦୈନିକ ୨ଟି ମ୍ୟାଚ ହେବ। ଟୁର୍ନାମେଣ୍ଟରେ ଗଞ୍ଜାମ, ଗଜପତି, କନ୍ଧମାଳ, ରାୟଗଡ଼ା ଜିଲାର ୧୬ଟି ଟିମ୍ ଭାଗନେବେ। ବିଜୟୀ ଦଳକୁ ୧ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯିବ ବୋଲି କ୍ଲବ ତରଫରୁ ସୂଚନା ମିଳିଛି। କ୍ଲବ ସଭାପତି ପ୍ରମୋଦ କୁମାର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ମୁଖ୍ୟ ଉପଦେଷ୍ଟା ତାରିଣୀ ବେହେରା, ମୁଖ୍ୟ ପରିଚାଳକ ଚିନ୍ତାମଣି ନାୟକ, ଆଇନ ପରାମର୍ଶଦାତା ଶିବରାମ ପାତ୍ର, ଶିଳ୍ପପତି ଦେବ ଦୁର୍ଲଭ ସାହୁଙ୍କ ସମେତ କାର୍‌ଗିଲ ସ୍ପୋର୍ଟିଂ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ।

# ବନ୍ଦକୁ ସମର୍ଥନ କରିବ ଗଞ୍ଜାମ ଚାମ୍ବର ଅଫ୍ କମର୍ସ

**ବ୍ରହ୍ମପୁର ଅଫିସ,୨୧।୨**

## ଜିଏସ୍‌ଟି ସରଳୀକରଣ ଦାବି

ଜିଏସ୍‌ଟିରେ ସରଳୀକରଣ ପରିବର୍ତ୍ତେ ଏହାକୁ ଅଧିକ ଜଟିଳ କରାଯାଇଛି। ବ୍ୟବସାୟୀଙ୍କ ବିନା ପରାମର୍ଶରେ ଏଭଳି ବ୍ୟବସ୍ଥା କରାଯାଇଛି। ଏହା ପ୍ରତିବାଦରେ ଆସନ୍ତା ୨୬ ତାରିଖରେ ହେବାକୁ ଥିବା ଭାରତ ବନ୍ଦକୁ ଗଞ୍ଜାମ ଚାମ୍ବର ଅଫ୍ କମର୍ସ ସମର୍ଥନ କରିବ। ରବିବାର ଗଞ୍ଜାମ ଜିଲା ବଣିକ ସଂଘ ପ୍ରାଙ୍ଗଣରେ ଏନେଇ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଇ.ଶିବ ପ୍ରସାଦ ରାଓ ଏଥିରେ ଅଧ୍ୟକ୍ଷତା କରିଥିଲେ। ଯେତେବେଳେ ଜିଏସ୍‌ଟି ଲାଗୁ ହେଲା କେନ୍ଦ୍ର ସରକାର ଗୋଟିଏ ରାଷ୍ଟ୍ର ଗୋଟିଏ ଟିକସର ପ୍ରତିଶ୍ରୁତି ଦେଇ ସରଳ ଟିକସ ପ୍ରଣାଳୀ ଲାଗୁ କରିବାକୁ ଆଶ୍ୱାସନା ଦେଇଥିଲେ। କିନ୍ତୁ ସମୟାନୁକ୍ରମେ




ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା।

ପ୍ରତିଦିନ ୯୫୦ଟି ନୂତନ ସଂଶୋଧନ କରିସାରିଲେଣି। ଏ ନେଇ ବ୍ୟବସାୟୀଙ୍କ ପକ୍ଷରୁ ବାରମ୍ବାର ଦାବି ସତ୍ତ୍ୱେ ସଂଶୋଧିତ ରିଟର୍ନ ଦାଖଲ କରିବାର ସୁବିଧା ଦିଆଯାଇନାହିଁ। ନୂତନ ବ୍ୟବସ୍ଥାରେ ଅଣାଯାଇଥିବା ଲେଟ୍ ଫି ପେନାଲ୍ଟି ସୁଧର ମାତ୍ରା ବୃଦ୍ଧି ଯନ୍ତ୍ରଣାଦାୟକ ବୋଲି ସଂଘ ପ୍ରକାଶ କରିଛି। ଭାରତ ବର୍ଷରେ ବ୍ୟବସାୟୀମାନଙ୍କ ନିମନ୍ତେ ଗ୍ରେଡିଂ ବ୍ୟବସ୍ଥା ମୂଳ ଜିଏସ୍‌ଟି ନିୟମରେ ଥିଲେ ସୁଦ୍ଧା ଆଜି ଯାଏ ତାହା ସମ୍ଭବ ହୋଇପାରି ନ ଥିବା ସଂଘ ଅଭିଯୋଗ କରିଛି। ଏଣୁ ଜିଏସ୍‌ଟି ସରଳୀକରଣ ଦାବିରେ ୨୬ ତାରିଖରେ ସମଗ୍ର ଭାରତବର୍ଷରେ ହେବାକୁ ଥିବା ବ୍ୟବସାୟ ବନ୍ଦ ଆହ୍ୱାନକୁ ସଂଘ ସମର୍ଥନ ଜଣାଇଛି। ଉକ୍ତ ଦିନ ବ୍ରହ୍ମପୁର ସହରର ସମସ୍ତ ଦୋକାନ ବଜାର ବନ୍ଦ ରହିବ ବୋଲି ସଂଘ ପକ୍ଷରୁ ସୂଚନା ମିଳିଛି। ଖବରଦାତା ସମ୍ମିଳନୀରେ ରାଜ୍ୟ ବ୍ୟବସାୟୀ ସଂଘ ସଭାପତି ସି.ଏଚ୍. ରବୀନ୍ଦ୍ର ନାଥ, ଉପସଭାପତି ଭି.ଭି.ରାମ ନରସିଂହ ରାଓ, ଟ୍ୟାକ୍ସବାର୍ ଆସୋସିଏଶନ୍ ସଭାପତି ଡା.ରବୀନ୍ଦ୍ର ପାଢ଼ୀ, ଗଞ୍ଜାମ ଜିଲା ସ୍ୱର୍ଣ୍ଣ ବଣିକ ସଂଘର ପି.ସଚ୍ଚି ନାରାୟଣ ସେନାପତି, ଆସିକା ବଣିକ ସଂଘ ସଭାପତି ରାମ ରଞ୍ଜନ ଶର୍ମା, ଭଞ୍ଜନଗର ବଣିକ ସଂଘ ସଭାପତି ଗୌରୀ ଶଙ୍କର ପାତ୍ର, ଛତ୍ରପୁର ତେଜରାତି ସଂଘ ସଭାପତି ସୟଜ୍ ମୁକ୍ତାର୍, ରମ୍ଭା ବଣିକ ସଂଘ ଉପସଭାପତି ଟି.ଗୋବିନ୍ଦ ସୁବୁଦ୍ଧି, ସମ୍ପାଦକ ଭି.ସନ୍ତୋଷଙ୍କ ସମେତ ଚାମ୍ବର ଅଫ୍ କମର୍ସର ବହୁ ସଦସ୍ୟେ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ବ୍ରହ୍ମପୁର, ସୋମବାର, ୨୨ ଫେବୃୟାରୀ, ୨୦୨୧



**ଜଳ ସଂରକ୍ଷଣ ସଚେତନତା କର୍ମଶାଳା**

ଭଞ୍ଜନଗର,(ଡି.ଏନ.ଏ): ବେଲଗୁଣ୍ଠା ବ୍ଲକ ଲୁଣିପଡା ଶାସନ ମା' ନାରାୟଣୀ ଯୁବକ ସଂଘ ପରିସରରେ ଶନିବାର ଜଳ ସଂରକ୍ଷଣ ଉପରେ ଏକ ସଚେତନତା କର୍ମଶାଳା ହୋଇଥିଲା। ଏହି ଅବସରରେ ଚିତ୍ରାଙ୍କନ ପ୍ରତିଯୋଗିତା ସହ ଏକ କ୍ଷୁଦ୍ର ନାଟକ ପରିବେଷଣ କରାଯାଇଥିଲା। ଉତ୍ସବରେ ଲୁଣିପଡା ଶାସନ ସରପଞ୍ଚ ସଞ୍ଜୟ ପ୍ରଧାନ, ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଗୌଡ, ଧୋବା ଗୌଡ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ନେହେରୁ ଯୁବ କେନ୍ଦ୍ର ବ୍ଲକ ସଂଯୋଜିକା ଦୀପ୍ତିମୟୀ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ସଂକ୍ଷେପରେ

### ବିଜୁ ପଟ୍ଟନାୟକ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ

**ବ୍ରହ୍ମପୁର ଅଫିସ, ୨୧।୨:** ବ୍ରହ୍ମପୁର ଆଲ୍‌ଫା ସ୍ପୋର୍ଟିଂ କ୍ଲବ ତରଫରୁ ରବିବାର ଏକାଦଶ ବିଜୁ ପଟ୍ଟନାୟକ ମେମୋରିଆଲ ୨୦-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ (ଦିବାରାତ୍ର) ଖଲ୍ଲିକୋଟ କଲେଜ ପଡ଼ିଆରେ ଉଦ୍‌ଘାଟିତ ହୋଇଛି। କ୍ଲବ ସଭାପତି ବିଜୟ ଭାସ୍କର ସିଂସାମନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ଚନ୍ଦ୍ରଶେଖର ସାହୁ ଓ ସମ୍ମାନିତ ଅତିଥିଭାବେ ବିଧାୟକ ବିକ୍ରମ ପଣ୍ଡା, କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାର, ଜିଡ଼ିସିଏ ସମ୍ପାଦକ ଅଶୋକ କୁମାର ସାହୁ, ଓଡ଼ିଶା କ୍ରିକେଟ ଆସୋସିଏଶନ ସିଇଓ ସୁବ୍ରତ ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସାରେ ବିଧାୟକ ପଣ୍ଡା ବ୍ରହ୍ମପୁର ସହରରେ ଥିବା ପ୍ରତ୍ୟେକ ଷ୍ଟାଡ଼ିୟମର ସୌନ୍ଦର୍ଯ୍ୟକରଣ ଓ ପୁନରୁଦ୍ଧାର ଯଥାଶୀଘ୍ର କରାଯିବ ବୋଲି କହିଥିଲେ। ଟୁର୍ଣ୍ଣାମେଣ୍ଟରେ ୧୦ ଟିମ୍ ଭାଗ ନେଇଛନ୍ତି। ଉଦ୍‌ଘାଟନୀ ମ୍ୟାଚ ଜେସିସି ବ୍ରହ୍ମପୁର ଓ ଆଇସିସି ଇଚ୍ଛାପୁର ମଧ୍ୟରେ ହୋଇଥିବା ବେଳେ ଇଚ୍ଛାପୁର ଟିମ୍ ୫ ଉଇକେଟରେ ବିଜୟୀ ହୋଇଛି। ସେହିପରି ଦ୍ୱିତୀୟ ମ୍ୟାଚ ଆଲଫା ସ୍ପୋର୍ଟିଂ କ୍ଲବ ବ୍ରହ୍ମପୁର ଓ ନବରଙ୍ଗପୁର କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା।

### ଯାନବାହାନ ଯାଞ୍ଚ, ଜରିମାନା ଆଦାୟ

**ଆସିକା,୨୧।୨(ଡି.ଏନ୍.ଏ.):** ଆସିକା ପୋଲିସ ପକ୍ଷରୁ ରବିବାର ସହର ଉପକଣ୍ଠ କଇଁଫୁଲିଆ ଛକ ଓ ପାକଲାପଲ୍ଲୀ ଛକଠାରେ ଯାନବାହାନ ଯାଞ୍ଚ କରାଯାଇଥିଲା। ଟ୍ରାଫିକ ନିୟମ ଉଲ୍ଲଂଘନ ଓ ଆବଶ୍ୟକୀୟ କାଗଜପତ୍ର ନଥିବା ଚାଳକଙ୍କ ଠାରୁ ୮ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହାସହ ନିଶାସକ୍ତ ଅବସ୍ଥାରେ ଗାଡି ଚଳାଇବା ଓ ହେଲ୍‌ମେଟ ପିନ୍ଧି ନଥିବା ଅଭିଯୋଗରେ ୪ଜଣ ବାଇକ୍ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ଜବତ କରାଯାଇ ରଦ୍ଦ ଲାଗି ପରିବହନ ବିଭାଗକୁ ପଠାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

### ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ପ୍ରଦାନ

**ରମ୍ଭା,୨୧।୨:** ରମ୍ଭା ପୋଲିସ ପକ୍ଷରୁ ଶନିବାର ବରିଷ୍ଠ ନାଗରିକଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ବସ୍‌ଷ୍ଟାଣ୍ଡ ପାର୍ଶ୍ୱରେ ଏକ ଅସ୍ଥାୟୀ ଗୃହ ଉଦ୍‌ଘାଟନ ସହ ପରସ୍ପର ଆଦାନ ପ୍ରଦାନ ସମ୍ବାଦପତ୍ର ଓ ଭାଗବତ ଗୀତା ପଠନ ସ୍ଥାନ ନିରୂପଣ ହୋଇଛି। ଏହି ଅବସରରେ ରମ୍ଭା ଥାନା ପରିସରରେ ଏକ ସଭା ଆୟୋଜନ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଆଦିକନ୍ଦ ସେଠୀ, ରମ୍ଭା ଥାନା ଭାରପ୍ରାପ୍ତ ଅଧିକାରୀ କୃଷ୍ଣ ଚନ୍ଦ୍ର ସେଠୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ ଚନ୍ଦ୍ର ବିଶ୍ୱାଳ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ଆଧ୍ୟାତ୍ମିକ ଗୁରୁ ଗୋକୁଳ ଚନ୍ଦ୍ର ନାହାକ, ଅବସରପ୍ରାପ୍ତ ଅଧକ୍ଷ ପ୍ରସନ୍ନ କୁମାର ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ୨୧ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ବଣ୍ଟନ କରାଯିବା ସହ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ।

### ରକ୍ତ ପରୀକ୍ଷା କେନ୍ଦ୍ର ଉଦ୍‌ଘାଟିତ

**ଭଞ୍ଜନଗର,୨୧।୨(ଡି.ଏନ.ଏ):** ଭଞ୍ଜନଗର ବ୍ଲକ ବାହାଡ଼ାପଦରରେ ଶନିବାର ମାସିକ ମାଗଣା ରକ୍ତ ପରୀକ୍ଷା କେନ୍ଦ୍ର ଓଡ଼ିଶା ବିକାଶ ସେବା ଟ୍ରଷ୍ଟ ସଭାପତି ଡ.ସୂର୍ଯ୍ୟ ନାରାୟଣ ରାଉତଙ୍କ ସଭାପତିତ୍ୱରେ ଉଦ୍‌ଘାଟିତ ହୋଇଯାଇଛି। ବାହାଡ଼ାପଦର ମେଡିକାଲ ଅଫିସର ଡ.ମନୋଜ କୁମାର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ବିକାଶ ସେବା ଟ୍ରଷ୍ଟ ପକ୍ଷରୁ ପ୍ରତ୍ୟେକ ମାସରେ ହେବ। ଏବିଇଓ ଜଗବନ୍ଧୁ ଜେନା, ବଡ଼କୋଦଣ୍ଡା ହାଇସ୍କୁଲ ପ୍ରଧାନ ଶିକ୍ଷକ ସନ୍ତୋଷ ଜେନା, ଗାୟତ୍ରୀ ପରିବାର ସଭାପତି ସାମାଞ୍ଚଳ ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବାଉଁଶଲୁଣ୍ଡି ପ୍ରଧାନ ପାଥ୍‌ଲୋଜି ଟେକ୍‌ନିସିଆନ ଭଞ୍ଜ କିଶୋର ପ୍ରଧାନ ୫୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମାଗଣା ରକ୍ତ ପରୀକ୍ଷା କରିଥିଲେ।

# ବିମାନବନ୍ଦର ପ୍ରତିଷ୍ଠା ଦାବି ଜୋର୍ ଧରିଲା

## ଦିଗପହଣ୍ଡିରେ ପୋଷ୍ଟକାର୍ଡ ଅଭିଯାନ



ଦିଗପହଣ୍ଡି ବଜାର ଗାନ୍ଧୀ ଛକରେ ଆୟୋଜିତ ସଭାରେ ଉପସ୍ଥିତ କାର୍ଯ୍ୟକର୍ତ୍ତା।

**ଦିଗପହଣ୍ଡି,୨୧।୨(ଡି.ଏନ.ଏ.)**

ବ୍ରହ୍ମପୁରରେ ବିମାନ ବନ୍ଦର ସ୍ଥାପନ ଦାବି ନେଇ ରବିବାର ଦିଗପହଣ୍ଡି ବଜାର ଗାନ୍ଧୀଛକ ଠାରେ ବିମାନ ବନ୍ଦର ସ୍ଥାପନ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ପଥପ୍ରାନ୍ତ ସଭା ଓ ପୋଷ୍ଟକାର୍ଡ ଅଭିଯାନ ହୋଇଛି । ସମଗ୍ର ଓଡ଼ିଶାରେ ଗଞ୍ଜାମ ଏକ ବୃହତ୍ତମ ଜିଲା। ରାଜ୍ୟର ବହୁ ସଂଖ୍ୟକ ରାଜନେତା ଏହି ଜିଲାରୁ ପ୍ରତିନିଧିତ୍ୱ କରି ବିଭିନ୍ନ ପଦ ପଦବୀରେ ରହିଛନ୍ତି। ଏପରକି ମୁଖ୍ୟମନ୍ତ୍ରୀ ଗଞ୍ଜାମ ଜିଲାରୁ ପ୍ରତିନିଧିତ୍ୱ କରୁଥିଲେ ମଧ ଜିଲାବାସୀଙ୍କ ଦୀର୍ଘବର୍ଷର ଦାବିକୁ ଅଣଦେଖା କରି ବ୍ରହ୍ମପୁରରେ ବିମାନବନ୍ଦର ସ୍ଥାପନ ନେଇ କୌଣସି ଅନୁକୂଳ ପ୍ରସ୍ତାବ କେନ୍ଦ୍ର ସରକାରଙ୍କ ନିକଟରେ ଉପସ୍ଥାପନ କରିନାହାନ୍ତି । ଏହା ପ୍ରତିବାଦରେ ରବିବାର ଓଡିଶା ବିଧାନସଭା ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ରଙ୍କୁ ବ୍ରହ୍ମପୁର ସର୍କିଟ ହାଉସରେ ମିଳିତ କ୍ରିୟାନୁଷ୍ଠାନ କମିଟିର ଏକ ପ୍ରତିନିଧି ଦଳ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ କରିଛନ୍ତି । ପରେ ଦିଗପହଣ୍ଡି ବଜାର ଗାନ୍ଧୀ ଛକ ସମେତ ସ୍ଥାନୀୟ ପୁଞ୍ଜି କଁିଆ ଚାରିଛକ ଠାରେ ବହୁ ସଚେତନ ନାଗରିକ ତଥା ବ୍ୟବସାୟୀ ସଂଘ ସଦସ୍ୟମାନେ ପୋଷ୍ଟକାର୍ଡ, ବ୍ୟାନର ଦସ୍ତଖତ ଅଭିଯାନକୁ ସମର୍ଥନ ଜଣାଇଥିଲେ। ମିଳିତ କ୍ରିୟାନୁଷ୍ଠାନ କମିଟି ଆବାହକ ରାଜେନ୍ଦ୍ର ପଣ୍ଡା, ସହ ଆବାହକ ଅବନୀ ଗୟାଙ୍କ ସମେତ ଇଂ. ବିଜୟ ପାଣିଗ୍ରାହୀ, ସିପିଆଇ ଗଞ୍ଜାମ ଜିଲା ସହ ସମ୍ପାଦକ ଅଳକନାଥ ମିଶ୍ର, ସ୍ଥାନୀୟ ଖେମୁଣ୍ଡି ଓକିଲ ସଂଘ ସଭାପତି ପରେଶ ଚନ୍ଦ୍ର ରଥ, ଦିଗପହଣ୍ଡି ବିକାଶ ପରିଷଦ ସଭାପତି ତଥା ଖେମୁଣ୍ଡି ଓକିଲ ସଂଘ ସମ୍ପାଦକ ଅଶେଷ ନାଥ ମିଶ୍ର ସଭା ସ୍ଥଳରେ ପହଞ୍ଚି ଆନ୍ଦୋଳନକୁ ସମର୍ଥନ ଘୋଷଣା କରିଥିଲେ। ଦିଗପହଣ୍ଡି ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ହରିକୃଷ୍ଣ ପଣ୍ଡା, ପୂର୍ବତନ ନଗରପାଳ ପ୍ରଫୁଲ୍ଲ ପଣ୍ଡା, ତପନ କୁମାର ମିଶ୍ର, ଅଧ୍ୟାପକ ସତ୍ୟ ଶରଣ ପାଠୀ,ବି. ସୱରାଜ୍ୟ ସୁବୁଦ୍ଧି, ଜାମୁଲା ସୁରେଶ ପ୍ରମୁଖ ଏହି ଆନ୍ଦୋଳନାତ୍ମକ ଅଭିଯାନରେ ସହଯୋଗ କରିଥିଲେ ।

# ଉନ୍ନୟନମୂଳକ କାର୍ଯ୍ୟକ୍ରମରେ ବାଚସ୍ପତି



ବିଶ୍ୱଶାନ୍ତି ରାମତାରକ ମହାଯଜ୍ଞ ଦର୍ଶନ କରୁଛନ୍ତି ବାଚସ୍ପତି।

**ଦିଗପହଣ୍ଡି,୨୧।୨(ଡି.ଏନ.ଏ.)**

ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ର ରବିବାର ଦିଗପହଣ୍ଡି ବ୍ଲକ ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ଖମାରୀ ଗାଁ ନିକଟସ୍ଥ ଉଜଳେଶ୍ୱର ଶୈବପୀଠ ଠାରେ ଏକାଦଶ ତମ ରାମତାରକ ବିଶ୍ୱଶାନ୍ତି ମହାଯଜ୍ଞରେ ଯୋଗଦେଇ ଯଜ୍ଞ ଦର୍ଶନ କରିଛନ୍ତି। ତାଙ୍କ ସାଙ୍ଗରେ ଦିଗପହଣ୍ଡି ବ୍ଲକ ଅଧକ୍ଷ ବିପିନ ଚନ୍ଦ୍ର ପ୍ରଧାନ, ବ୍ଲକ ବିଜେଡି ସଭାପତି ଉଦୟନାଥ ସ୍ୱାଇଁ, ଉପାଧକ୍ଷ ପ୍ରତିନିଧି ଏମ୍.ନିରଞ୍ଜନ ରେଡ୍ଡୀ, ସରପଞ୍ଚ ସଂଘ ସଭାପତି କେ.ହରିବନ୍ଧୁ ରେଡ୍ଡୀ, ରାମକୃଷ୍ଣ ପାଢୀ, ବିଭୂତି ଭୂଷଣ ମହାପାତ୍ର, ରବୀଚନ୍ଦ୍ର ଗୌଡ, ରାଧାକାନ୍ତ ମହାଙ୍କୁଡ ପ୍ରମୁଖ ଥିଲେ। ଚଳିତମାସ ୧୬ ତାରିଖ ବସନ୍ତ ପଞ୍ଚମୀରୁ ଆରମ୍ଭ ହୋଇଥିବା ଏହି ବିଶ୍ୱଶାନ୍ତି ମହାଯଜ୍ଞ ଚଳିତ ମାସ ୨୭ ତାରିଖ ମଧାହ୍ନ ୧୨ଟା ବେଳେ ପୂର୍ଣ୍ଣାହୁତି ହେବ ବୋଲି ଶ୍ରୀରାମ ତାରକ ନ୍ୟାସ କମିଟି ସଭାପତି ବିଜୟ କୁମାର ପାଣିଗ୍ରାହୀ କହିଛନ୍ତି। ଯଜ୍ଞ ଆରମ୍ଭ ଦିନଠାରୁ ପ୍ରତିଦିନ ଘୃତଯଜ୍ଞ, ନାମଯଜ୍ଞ, ଅନ୍ନଯଜ୍ଞର ବ୍ୟବସ୍ଥା କରାଯାଇଛି। ଯଜ୍ଞ ପରିଚଳନା ପାଇଁ ପଣ୍ଡିତ ଅଶୋକ କୁମାର ପାଢୀ ଓ ଲଡୁ କିଶୋର ପଣ୍ଡା ନିଯୁକ୍ତି ପାଇଛନ୍ତି। ପ୍ରତିଦିନ ହଜାର ହଜାର ଶ୍ରଦ୍ଧାଳୁ ଗଞ୍ଜାମ ଜିଲାର ବିଭିନ୍ନ ପ୍ରାନ୍ତରୁ ଆସି ଯଜ୍ଞ ଦର୍ଶନରେ ସାମିଲ୍ ହେଉଛନ୍ତି। ଦିଗପହଣ୍ଡି ବ୍ଲକ ଚଷାନିମଖଣ୍ଡି, ନିମଖଣ୍ଡି ପେଣ୍ଠ, ଖମାରୀ ଗାଁ, କୈଠଖଣ୍ଡି, ଭୀଷ୍ମଗିରି ପଞ୍ଚାୟତର ଆର୍ଥିକ ସହାୟତା ବଳରେ ପ୍ରତିତିନି ବର୍ଷ ଅନ୍ତରରେ ଏହି ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେଉଥିବା ଯଜ୍ଞ ପରିଚଳନା କମିଟି ତରଫରୁ ଜଣାପଡିଛି। ଏହା ସହିତ କୈଠଖଣ୍ଡି ପଞ୍ଚାୟତର ବିଭିନ୍ନ ଉନ୍ନୟନ କାର୍ଯ୍ୟର ଭିତ୍ତିପ୍ରସ୍ତର କାର୍ଯ୍ୟରେ ବାଚସ୍ପତି ଯୋଗ ଦେଇଥିଲେ।

# ମିସେସ୍ ଇଣ୍ଡିଆ ରିତାରାଣୀଙ୍କୁ ଜନ୍ମମାଟିରେ ସମ୍ବର୍ଦ୍ଧନା



ମିସେସ୍ ଇଣ୍ଡିଆ ରିତାରଣୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଖଜୁରିପଡ଼ା/ବଳସକୁମ୍ପା, ୨୧।୨(ଡି.ଏନ.ଏ.)**

ଖଜୁରିପଡ଼ା ବ୍ଲକ୍ ପିରିକୁଡି ପଞ୍ଚାୟତ ଜାଲଙ୍ଗାପଦରର ରିତାରାଣୀ ଜାନୀଙ୍କୁ ରବିବାର ଜନ୍ମ ମାଟିରେ ଗ୍ରାମବାସୀ ଶୁଭେଚ୍ଛା ଓ ସମ୍ବର୍ଦ୍ଧନା ଜଣାଇଛନ୍ତି। ଗୋଆଠାରେ ଅନୁଷ୍ଠିତ କେପି ସ୍କୋୟାର ପ୍ରଡ୍ୟୁସସ୍ ଦ୍ୱାରା ପ୍ରାୟୋଜିତ ଜାତୀୟ ସ୍ତରୀୟ ମିସେସ ଇଣ୍ଡିଆ ପ୍ରତିଯୋଗିତା ଅଂଶଗ୍ରହଣ କରି ମିସେସ ଇଣ୍ଡିଆ– ୨୦୨୧ ଟାଇଟଲ ହାସଲ କରିଛନ୍ତି। ଜାଲଙ୍ଗାପଦରରେ ଜନ୍ମଗ୍ରହଣ କରିଥିବା ରିତାରାଣୀ ଏବେ ଗଞ୍ଜାମ ଜିଲା ଗୋପାଳପୁର ସ୍ଥିତ ଇଣ୍ଡିଆନ ବ୍ୟାଙ୍କରେ ଶାଖା ପରିଚାଳକ ଭାବେ କାର୍ଯ୍ୟରତ। ଫୁଲବାଣୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଅବସରପ୍ରାପ୍ତ ଇତିହାସ ଅଧ୍ୟାପକ ତୀର୍ଥ ଜାନି ଏବଂ ମା' କମଳାରାଣୀ ଜାନିଙ୍କ ତୃତୀୟ ଝିଅ ରିତାରାଣୀଙ୍କ ଜନ୍ମ ୧୯୮୭ ମାର୍ଚ୍ଚ ୯ରେ। ସେ ଯୁକ୍ତ ୨ ଏବଂ ଯୁକ୍ତ ୩ ଫୁଲବାଣୀ ସରକାରୀ କଲେଜରେ ପଢିଥିଲେ। ଏହାପରେ ଭୁବନେଶ୍ୱରରେ ଏମ୍‌ବିଏ କରିଥିଲେ। ଗ୍ରାମବାସୀ ବାଜା ବଜାଇ ଶୋଭାଯାତ୍ରାରେ ରୀତାରାଣୀଙ୍କୁ ବୁଲାଇଥିଲେ।

# ବରିଷ୍ଠ ନାଗରିକ ମଞ୍ଚ ସଭାଗୃହ ଉଦ୍‌ଘାଟିତ

**ଖଲ୍ଲିକୋଟ,୨୧।୨(ଡି.ଏନ.ଏ.)**

ଖଲ୍ଲିକୋଟ ସହର ଚିଲଡ୍ରେନ ପାର୍କ ସମ୍ମୁଖରେ ବରିଷ୍ଠ ନାଗରିକ ମଞ୍ଚ ସଭାଗୃହ ରବିବାର ଉଦ୍‌ଘାଟିତ ହୋଇଯାଇଛି। ବରିଷ୍ଠ ନାଗରିକ ମଞ୍ଚ ସଭାପତି ଡ. ହରପ୍ରସାଦ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆସିକା ଏମ୍‌ପି ପ୍ରମିଳା ବିଶୋଇ ଯୋଗ ଦେଇ ସଭାଗୃହ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ଅନ୍ୟତମ ଅତିଥି ଭାବେ ବ୍ଲକ ଅଧକ୍ଷା ମିନାକ୍ଷୀ ସାହୁ, ଜିଲା ପରିଷଦ ସଭ୍ୟ ସନ୍ଧ୍ୟାରାଣୀ ଦଳେଇ, ଗଙ୍ଗାଧର ଖୁଣ୍ଟିଆ, ଖଲ୍ଲିକୋଟ ଆଇଆଇସି ସତ୍ୟରଞ୍ଜନ ପ୍ରଧାନ ଯୋଗ ଦେଇଥିଲେ। ଖଲ୍ଲିକୋଟ ରାଣୀ ଭି.ସୁଜ୍ଞାନ ଦେଓଙ୍କ ସହଯୋଗରେ ଏହି ଗୃହ ନିର୍ମାଣ ହୋଇଥିବାରୁ ବରିଷ୍ଠ ନାଗରିକ ମଞ୍ଚ ସଭାପତି ଧନ୍ୟବାଦ ଜଣାଇଥିଲେ। ସେହିପରି ଅତିଥିମାନେ ବରିଷ୍ଠ ନାଗରିକ ଏବଂ ଅବସରପ୍ରାପ୍ତ କର୍ମଚାରୀ ସଂଘକୁ ସମ୍ମାନ ଜଣାଇଥିଲେ। କାର୍ଯ୍ୟକ୍ରମରେ ପୋଲିସ ତରଫରୁ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ନାଗରିକ ମଞ୍ଚ ସମ୍ପାଦକ ପ୍ରମୋଦ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ଲଡୁ କିଶୋର ସାହୁଙ୍କ ସମେତ ପୂର୍ବତନ ଏନ୍‌ଏସି ଅଧକ୍ଷ ରାମମୋହନ ପଣ୍ଡା, ଯୁବନେତା ଦଇତାରି ବେହେରାଙ୍କ ସମେତ ଶତାଧିକ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।

# ବ୍ୟାଘ୍ରଦେବୀ ସେମିରେ

**ଭଞ୍ଜନଗର,୨୧।୨(ଡି.ଏନ.ଏ.)**



ମ୍ୟାଚ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି।

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଖେଳପଡିଆରେ ଚାଲିଥିବା ବିଜୟାନନ୍ଦ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୩ୟ ମ୍ୟାଚ ରବିବାର ଆସିକା ପାନାସୋନିକ କ୍ରିକେଟ କ୍ଲବ ଓ ଭଞ୍ଜନଗର ବ୍ୟାଘ୍ରଦେବୀ କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ବ୍ୟାଘ୍ରଦେବୀ କ୍ରିକେଟ କ୍ଲବ ୮ ଉଇକେଟରେ ଆସିକାକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ଭଞ୍ଜନଗରର ସୁଶୀଲ ମିଶ୍ର ୫୭ ବଲରେ ଦ୍ରୁତ ୭୦ରନ କରିଥିବାରୁ ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଆସିକା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୧୪୨ ରନ କରିଥିଲା। ଦଳପକ୍ଷରୁ ରାମ ୨୭ରନ ଓ ଜେବି ରାଓ ୨୩ ରନ କରିଥିଲେ। ପ୍ରତିପକ୍ଷ ଦଳର ବିଶ୍ୱଜିତ ୪ ଓଭରରେ ୩୨ରନ ଦେଇ ୩ ଉଇକେଟ ନେଇଥିଲେ। ଜବାବରେ ଭଞ୍ଜନଗର ୧୭.୧ ଓଭରରେ ୨ ଉଇକେଟ ବିନିମୟରେ ଆବଶ୍ୟକ ରନ ସଂଗ୍ରହ କରି ନେଇଥିଲା। ବିଶ୍ୱଜିତ ୨୧ ରନ ଓ ସୁଶୀଲ ୭୦ ରନ କରିଥିଲେ। ରାଲେଶ ବିଶ୍ୱାଳ, ପ୍ରଦୀପ ଗୌଡ ଅମ୍ପାୟର ଥିବାବେଳେ, ହିତାଂଶୁ ଓ ଚନ୍ଦ୍ର ସ୍କୋରର ଦାୟିତ୍ୱରେ ଥିଲେ। ସୋମବାର ଆସିକା ଏଏନ୍‌ସିସି ଓ ଇଗଲ ହିଞ୍ଜିଳିକାଟୁ ମଧ୍ୟରେ ମ୍ୟାଚ ହେବ।

# ତୈଳ ଦର ମହଙ୍ଗା ପାଇଁ କେନ୍ଦ୍ର ସରକାର ଦାୟୀ

- ସିପିଏମ ରାଜ୍ୟ ସମ୍ପାଦକଙ୍କ ଅଭିଯୋଗ
- ରାଜ୍ୟ ସରକାର ଭାଟ୍ କମାଇବାକୁ ଦାବି

**ବ୍ରହ୍ମପୁର ଅଫିସ,୨୧।୨**

କେନ୍ଦ୍ରର ଭାଜପା ସରକାରଙ୍କ ଉତ୍ପାଦ ଶୁଳ୍କ ଓ ଭାଟ ବୃଦ୍ଧି ଯୋଗୁ ପେଟ୍ରୋଲ ଓ ଡିଜେଲର ଦର ବଢ଼ି ଚାଲିଛି। ଏହାଫଳରେ ପରିବହନ ଖର୍ଚ୍ଚ ବଢ଼ୁଛି ଏବଂ ସମସ୍ତ ଦ୍ରବ୍ୟ ନାହିଁନଥିବା ମହଙ୍ଗା ହୋଇଛି। ମାର୍କସବାଦୀ କମ୍ୟୁନିଷ୍ଟ ପାର୍ଟି (ସିପିଏମ) ପକ୍ଷରୁ ଏଭଳି ଅଭିଯୋଗ କରାଯାଇଛି। ବର୍ଦ୍ଧିତ ଦର ନ କମାଇଲେ ଜନ ଆନ୍ଦୋଳନ ହେବ ବୋଲି ଏହି ବାମପନ୍ଥୀ ଦଳ ଚେତାବନୀ ଦେଇଛି। ସିପିଏମ ରାଜ୍ୟ ସମ୍ପାଦକ ଅଳି କିଶୋର ପଟ୍ଟନାୟକ ବ୍ରହ୍ମପୁରରେ କହିଛନ୍ତି, ପେଟ୍ରୋଲର ମହଙ୍ଗା ମାଡ଼ ସବୁ ଶ୍ରେଣୀର ଲୋକଙ୍କୁ ହନ୍ତସନ୍ତ କରୁଥିବା ବେଳେ ଜାଳେଣି ଗ୍ୟାସର ଅତ୍ୟଧିକ ମୂଲ୍ୟ ବୃଦ୍ଧି ହାଣ୍ଡିଶାଳକୁ ପ୍ରଭାବିତ କରିଛି। ସେହିପରି ଡିଜେଲର ମୂଲ୍ୟ ବଢ଼ି ଚାଲିଥିବାରୁ ମାଲ ପରିବହନ ଓ ବସ ଭଡ଼ା ମଧ ବୃଦ୍ଧି ପାଇଛି। ସେପଟେ ମୋଦୀ ସରକାର ବଡ଼ ବଡ଼ ପୁଞ୍ଜିପତି ଓ କର୍ପୋରେଟ ସଂସ୍ଥାର ସ୍ୱାର୍ଥ ପାଇଁ କାମ କରୁଛି। ତୈଳଦର ବୃଦ୍ଧି ଲାଗି ରାଜ୍ୟ ବିଜେଡି ସରକାର ମଧ ସମ ପରିମାଣରେ ଦାୟୀ ବୋଲି ସିପିଏମ ନେତା ସମାଲୋଚନା କରିଛନ୍ତି।

ନରେନ୍ଦ୍ର ମୋଦୀ ସରକାର ୨୦୧୪ରେ କ୍ଷମତାସୀନ ହେବା ପରେ ବର୍ତ୍ତମାନ ସୁଦ୍ଧା ୨୧୭% ଉତ୍ପାଦ ଶୁଳ୍କ ବଢ଼ାଇଛନ୍ତି। ବର୍ତ୍ତମାନ ସୁଦ୍ଧା କେନ୍ଦ୍ର ପେଟ୍ରୋଲ ଉପରେ ୩୨ ଟଙ୍କା ୯୮ ପଇସା ଏବଂ ଡିଜେଲ ଉପରେ ୩୧ ଟଙ୍କା ୮୩ ପଇସା ଉତ୍ପାଦ ଟିକସ ଆଦାୟ କରୁଛନ୍ତି। ଏଭଳି ସ୍ଥିତିରେ ଓଡ଼ିଶା ସରକାର ମଧ ପେଟ୍ରୋଲ ଲିଟର ପ୍ରତି ୩୨% ଏବଂ ଡିଜେଲ ଉପରେ ୨୮% ଟିକସ ଆଦାୟ କରୁଥିବାରୁ ଦର ଲଗାମଛଡ଼ା ହୋଇଛି। କେନ୍ଦ୍ର ତୈଳ ଉପରୁ ଟିକସ ପରିମାଣ ହ୍ରାସ ଏବଂ ଓଡ଼ିଶା ସରକାର ତୁରନ୍ତ ଭାଟ ପରିମାଣ ହ୍ରାସ କରିବାକୁ ସିପିଏମ ନେତା ଦାବି କରିଛନ୍ତି।

# ସୋରଡ଼ାରେ କଳସ ଯାତ୍ରା

**ସୋରଡା,୨୧।୨(ଡି.ଏନ୍.ଏ.)**

ସୋରଡ଼ା ବ୍ଲକ ସନ୍ଧି ଗୁଣ୍ଡୁରିବାଡି ଗ୍ରାମରେ ରାଧାକୃଷ୍ଣ ମନ୍ଦିର ଜୀର୍ଣ୍ଣୋଦ୍ଧାର ପ୍ରତିଷ୍ଠା ପାଇଁ ରବିବାର କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀମାନେ ସୋରଡ଼ା ସ୍ଥିତ ଋଷିକୁଲ୍ୟା ନଦୀରୁ କଳସରେ ଜଳ ଧରି ଶୋଭାଯାତ୍ରାରେ ପଞ୍ଚାନନ ମନ୍ଦିରରୁ ବାହାରି ସହର ପରିକ୍ରମା କରି ଗାଁ ମନ୍ଦିର ପାରିସରରେ ଜଳକଳସ ସ୍ଥାପନ କରିଛନ୍ତି। ରବିବାର ଅଙ୍କୁର ରୋପଣ, ସୋମବାର କର୍ମାରମ୍ଭ, ମଙ୍ଗଳବାର ବିଗ୍ରହ ଅଧିବାସ, ବୁଧବାର ସିହଂସନ ଆରୋହଣ ଓ ପୂର୍ଣ୍ଣାହୁତି ହେବ। କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ସାଧୁ, ପୁରୋହିତମାନେ ଯୋଗ ଦେଇଥିଲେ।

# ଆନ୍ତଃ ଜିଲା ଭଲିବଲ ଟୁର୍ଣ୍ଣାମେଣ୍ଟ, ମୋହନା ଚାମ୍ପିୟନ

**ସୋରଡ଼ା,୨୧।୨(ଡି.ଏନ୍.ଏ.)**



ଟ୍ରଫି ସହ ଉଭୟ ଦଳର ଖେଳାଳିମାନେ।

ସୋରଡ଼ାରେ ଚାଲିଥିବା ଆନ୍ତଃ ଜିଲା ଭଲିବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ରବିବାର ଗୁମ୍ମା ଓ ମୋହନା ଦଳ ମଧ୍ୟରେ ହୋଇଥିଲା। ଏଥିରେ ମୋହନା ଚାମ୍ପିୟାନ ହୋଇଛି। ଉଦ୍‌ଯାପନ କାର୍ଯ୍ୟକ୍ରମରେ କ୍ଲବ ଅଧକ୍ଷ ତଥା ବିଧାୟକ ପୂର୍ଣ୍ଣଚନ୍ଦ୍ର ସାଇଁ, ଆଇଆଇସି ରମେଶ କୁମାର ପ୍ରଧାନ ଯୋଗଦେଇ ଉଭୟଦଳକୁ ଚାମ୍ପିୟନ ଓ ରନର୍ସ ଟ୍ରଫି ସହ ଘୋଷିତ ଅର୍ଥ ରାଶି ପ୍ରଦାନ କରିଥିଲେ। ଏଥିସହ ଭଲ ଖେଳାଳିଙ୍କୁ ପୁରସ୍କାର ମଧ ପ୍ରଦାନ କରଯାଇଥିଲା। ବ୍ରହ୍ମପୁରର ଗୋପୀନାଥ ଦଳେଇ ରେଫେରି ଦାୟିତ୍ୱ ତୁଲାଇଥିବା ବେଳେ ଶିକ୍ଷକ ରାଜେନ୍ଦ୍ର ବେହେରା ସ୍କୋରର ଓ ସରୋଜ ବେହେରା, ସଞ୍ଜୟ ପଣ୍ଡା, ଶିବପ୍ରସାଦ ଦାସ ଭାଷ୍ୟକାର ଥିଲେ।

# ଆଜିଠୁ ଗଜପତିରେ ମିଶନ ଇନ୍ଦ୍ରଧନୁଷ୍

**ପାରଳାଖେମୁଣ୍ଡି,୨୧।୨(ଡି.ଏନ୍.ଏ.)**

ଗଜପତି ଜିଲା ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ରବିବାର 'ମିଶନ ଇନ୍ଦ୍ରଧନୁଷ୍ ୩.୦' ନେଇ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଫେବୃୟାରୀ ୨୨ରୁ ସଘନ ମିଶନ ଇନ୍ଦ୍ରଧନୁଷ୍–୩.୦ କାର୍ଯ୍ୟକ୍ରମ ଆରମ୍ଭ ହେବ। ଯେଉଁ ପିଲା ଓ ମା'ମାନେ କୌଣସି ଟିକା ନେବାରୁ ବଞ୍ଚିତ ହୋଇଥିବେ ସେମାନଙ୍କୁ ମିଶନ ଇନ୍ଦ୍ରଧନୁଷ୍‌ରେ ଟିକା ପ୍ରଦାନ କରାଯିବ। କାର୍ଯ୍ୟକ୍ରମ ଆସନ୍ତା ଫେବୃୟାରୀ ୨୨ରୁ ଆରମ୍ଭ ହୋଇ ଏପ୍ରିଲ ୯ ପର୍ଯ୍ୟନ୍ତ ୨ଟି ପର୍ଯ୍ୟାୟରେ ଚାଲିବ। ପୂର୍ବ ପ୍ରସ୍ତୁତି ଭାବେ ଆଶା, ଅଙ୍ଗନୱାଡି କର୍ମୀ, ତଥା ମହିଳା ସ୍ୱାସ୍ଥ୍ୟ କର୍ମୀ ଟିକାକରଣରୁ ବଞ୍ଚିତ ମୋଟ ୧୭୫ ଜଣ ଶିଶୁ ଓ ୨୧ଜଣ ପ୍ରସୂତିଙ୍କୁ ଚିହ୍ନଟ କରି ପଞ୍ଜୀକୃତ କରିଛନ୍ତି। ଏମାନଙ୍କୁ ଟିକା ଦିଆଯିବ। କୌଣସି ଶିଶୁ ଓ ମହିଳା ଟିକାରୁ ବଞ୍ଚିତ ଥିଲେ ନିକଟସ୍ଥ ଆଶା, ଅଙ୍ଗନୱାଡି କିମ୍ବା ମହିଳା ସ୍ୱାସ୍ଥ୍ୟ କର୍ମୀଙ୍କୁ ଜଣାଇବାକୁ ସିଡିଏମ୍‌ଓ ପ୍ରଦୀପ କୁମାର ପାତ୍ର ଅନୁରୋଧ କରିଛନ୍ତି।

# ମହିଳା ସଶକ୍ତୀକରଣ ସଚେତନ ଶିବିର



ଶିବିରରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅନ୍ୟମାନେ।

**ଜି.ଉଦୟଗିରି,୨୧।୨(ଡି.ଏନ.ଏ.)**

ଜି.ଉଦୟଗିରି ପୋଲିସ ପକ୍ଷରୁ ସ୍ଥାନୀୟ କଳିଙ୍ଗ ମହାବିଦ୍ୟାଳୟଠାରେ ଶନିବାର ଏକ ମହିଳା ସଶକ୍ତୀକରଣ ସଚେତନ ଶିବିର ଆୟୋଜିତ ହୋଇଥିଲା। ମହାବିଦ୍ୟାଳୟ ଅଧକ୍ଷ ସୁଧାଂଶୁ ଶେଖର ମେହେରଙ୍କ ଅଧକ୍ଷତାରେ ଆୟୋଜିତ ଶିବିରରେ ମହିଳା କମିଶନ ସଭ୍ୟା ଜାଲିନା ପ୍ରିୟଦର୍ଶିନୀ ନିଜେ ପଢୁଥିବା ମହାବିଦ୍ୟାଳୟରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଥାନାଧିକାରୀ ନରେଶ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ହେଲ୍‌ମେଟ ବ୍ୟବହାର କରିବା, ଗାଡି ଧୀରେ ଚଳାଇବା, ନିଶା ସେବନ ନ କରିବା ସହିତ ସାଇବର ଠକେଇର ଶିକାର ନ ହେବା, ଆଇନର କଡ଼ା ପଦକ୍ଷେପ ସମ୍ପର୍କରେ ସଚେତନତା କରିବା, ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଶିବିରରେ ଆଲୋଚନା ହୋଇଥିଲା। ଏହି ସଚେତନ ଶିବିରରେ ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

# ବିଜେଡି କର୍ମୀଙ୍କୁ ଡିଜିଟାଲ୍ ତାଲିମ

**ଶେରଗଡ଼,୨୧।୨(ଡି.ଏନ୍.ଏ.)**

ଶେରଗଡ ବ୍ଲକ ସଭାଗୃହରେ ଡିଜିଟାଲ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ପାତ୍ର ଏଥିରେ ଅଧକ୍ଷତା କରିଥିଲେ। ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ ସଂଯୋଜନା କରିଥିବାବେଳେ ଜିଲା ଛାତ୍ର ବିଜେଡି ସଭାପତି ପ୍ରଶାନ୍ତ ପଣ୍ଡା ଯୋଗଦେଇଥିଲେ। ଅଧିକରୁ ଅଧିକ ଛାତ୍ରଙ୍କୁ ବିଜେଡି ସଭ୍ୟ କରି ଅନ୍‌ଲାଇନ୍‌ରେ ପଞ୍ଜିକରଣ କରିବାକୁ ବିଜୁ ଯୁବ ବାହିନୀକୁ ଆହ୍ୱନ ଦିଆଯାଇଥିଲା।

କର୍ମଶାଳାରେ ବରିଷ୍ଠ ନେତା ହୀନ ବେହେରା, ହୃଷୀକେଶ ପାଢୀ, ବିଜୁ ଯୁବ ବାହୀନିର ବ୍ଲକ ସଂଯୋଜକ ଆଲୋକ କୁମାର ପଟ୍ଟନାୟକଙ୍କ ସମେତ ଯୁବ ବାହିନୀର ବହୁ ସଦସ୍ୟ ଓ ବିଜେଡି ନେତାମାନେ ଯୋଗ ଦେଇଥିଲେ।

# ପୋଲ ତଳେ ବିତୁଛି ୫ ପ୍ରାଣୀଙ୍କ ଜୀବନ

**କବିସୂର୍ଯ୍ୟନଗର,୨୧।୨**



ପୋଲ ତଳେ ଜୀବନ ବିତାଉଛନ୍ତି ମା' ଓ ପିଲା।

ସରକାର ଗରିବମାନଙ୍କ ପାଇଁ ବିଭିନ୍ନ ଯୋଜନା କରୁଥିବା ବେଳେ କେତେକ ସ୍ଥାନରେ ଏବେ ମଧ ଅନେକ ଲୋକ ପୋଲ ତଳେ ଜୀବନ ବିତାଉଛନ୍ତି। ସବୁ ସରକାରୀ ଯୋଜନାର ଫାଇଦା ଧନୀ ପାଉଛନ୍ତି, କିନ୍ତୁ ଗରିବଙ୍କ କଥା ବୁଝିବାକୁ କେହି ନାହିଁ। ଏହାର ସ୍ପଷ୍ଟ ଉଦାହରଣ ଦେଖିବାକୁ ମିଳିଛି ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ଜିଲାରେ। ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ବ୍ଲକ ବାଉଁଶିଆ ପଞ୍ଚାୟତ ଅର୍ଜୁନପଲ୍ଲୀ–ପଥରାପଲି ରାସ୍ତାରେ ଥିବା ଝରନାଳ ପୋଲ ତଳେ ଗୋଟିଏ ପରିବାରର ୫ ପ୍ରାଣୀ ରହୁଛନ୍ତି। ପରିବାର କହିଲେ ସ୍ୱାମୀ, ସ୍ତ୍ରୀ ଓ ୫ ଜଣ ପିଲା। ଜଣେ ପୁଅ ଓ ଚାରି ଝିଅରୁ ଜଣଙ୍କର ବିବାହ ହୋଇଯାଇଛି। ଏଠାରେ କୌଣସି କାମ ଧନ୍ଦା ନ ମିଳିବାରୁ ବାପା ଦୂତ ନାହାକ ଅନ୍ୟ ରାଜ୍ୟରେ ଦାଦନ ଖଟୁଛନ୍ତି। ମା' ରେଣୁ ନାହାକ ପିଲାଙ୍କୁ ଧରି ପୋଲ ତଳେ ଜୀବନ କାଟୁଛନ୍ତି। ସଞ୍ଜ ହେଲେ ହିଂସ୍ର ଜନ୍ତୁ, ଅସାମାଜିକ ଲୋକଙ୍କ ଭୟରେ ରାତ୍ରିଯାପନ କରୁଥିବା ରେଣୁଙ୍କ କହିବା ଅନୁସାରେ, ତାଙ୍କ ପାଖରେ ଶ୍ରମିକ କାର୍ଡ ନାହିଁ କି ତାଙ୍କୁ କୌଣସି ସରକାରୀ ସୁବିଧା ମିଳୁନାହିଁ। ସ୍ୱାମୀଙ୍କ ଘର ଅର୍ଜୁନପଲ୍ଲୀ ହୋଇଥିବା ବେଳେ ରେଣୁଙ୍କ ଘର ସୁନାରିଝୋଲା ପଞ୍ଚାୟତରେ। ଗୋଟିଏ ବ୍ଲକ ଉଭୟ ହୋଇଥିଲେ ମଧ ଦୁଇ ପଞ୍ଚାୟତ ମଧ୍ୟରେ ସମନ୍ୱୟ ଅଭାବରୁ ସବୁ ସୁବିଧାରୁ ରେଣୁ ବଞ୍ଚିତ ହୋଇଛନ୍ତି ବୋଲି ସରପଞ୍ଚ ତପନ ପ୍ରଧାନ କହିଛନ୍ତି। ଏ ନେଇ ସ୍ଥାନୀୟ ବିଡିଓ ବାସୁଦେବ ନାୟକଙ୍କୁ ପଚାରିବାରୁ ତାଙ୍କ ପାଖରେ କୌଣସି ଖବର ନ ଥିବା କହିବା ସହ ଗଣମାଧ୍ୟମଠାରୁ ଖବର ପାଇ ଶୀଘ୍ର ରେଣୁଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବେ ବୋଲି ସେ କହିଛନ୍ତି।

